ଦୃଷ୍ଟିକୋଣ

ନୀତି ଭାରତୀ

ତୁମକୁ ଆଘାତ ଦେବ ଜାଣିଥିଲେ ସୁଦ୍ଧା ପ୍ରକୃତ ବନ୍ଧୁମାନେ ତୁମ ସାମ୍ନାରେ ଅପ୍ରିୟ ସତ୍ୟ କହିଥାନ୍ତି, ପଛରେ ନୁହେଁ। - **ପ୍ରବାଦ**

ବିଜେପି ଭାବମୂର୍ତ୍ତି ବନାମ କଂଗ୍ରେସ ସଂଗଠନ

ଉତ୍ତର ପୂର୍ବାଞ୍ଚଳର ତିନୋଟି ରାଜ୍ୟରେ ହୋଇଥିବା ନିର୍ବାଚନ ଫଳାଫଳକୁ ନେଇ ବିଜେପି ନେତୃତ୍ୱ ଓ ସାଂଗଠନିକ ଶକ୍ତିକୁ ଯେପରି ପ୍ରଶଂସା କରାଯାଉଛି, ତାହା ବିରୋଧୀମାନେ ଅଧିକ ସଂଗଠିତ ହେବା ପାଇଁ ପ୍ରେରଣା ମଧ୍ୟ ପ୍ରଦାନ କରୁଛି, ଯଦିଓ ଏହି ତିନୋଟି ରାଜ୍ୟ ମଧ୍ୟରୁ ମେଘାଳୟ ଓ ନାଗାଲ୍ୟାଣ୍ଡରେ ବିଜେପିର କୌଣସି ସିଧାସଳଖ ବିଜୟ ହୋଇନାହିଁ। ମେଘାଳୟରେ କଂଗ୍ରେସ ଦଳ ଏକକ ବୃହତ୍ତମ ଦଳ ହେଲେ ମଧ୍ୟ ସରକାର ଗଠନ କରିବା ପାଇଁ ସଫଳ ହୋଇ ନଥିବା ସମୟରେ ଅନ୍ୟ ଆଞ୍ଚଳିକ ଦଳମାନଙ୍କୁ ଏକଜୁଟ୍ କରି ବିଜେପି ଇଙ୍ଗିତରେ ସେଠାରେ ସରକାର ସ୍ଥାପିତ ହୋଇଛି। ନାଗାଲ୍ୟାଣ୍ଡରେ ମଧ୍ୟ ଆଞ୍ଚଳିକ ଦଳମାନଙ୍କର ବିଜୟକୁ ବିଜେପି ନିଜର ବିଜୟ ଭାବେ ଉପସ୍ଥାପନ କରୁଛି। ଅବଶ୍ୟ ଉତ୍ତର ପୂର୍ବାଞ୍ଚଳରେ କୌଣସି ଶକ୍ତି ନଥିବା ବିଜେପି ଆସାମରେ ସରକାର ଗଠନ କରିବା ପରେ ଅରୁଣାଚଳ ପ୍ରଦେଶରେ କଂଗ୍ରେସ ଏମ୍‌ଏଲ୍‌ମାନଙ୍କୁ ରାତାରାତି ଦଳ ବଦଳ କରାଇ ସରକାର ଗଠନ କରିଛି ଓ ବର୍ତ୍ତମାନ ମେଘାଳୟ ପରି ମଣିପୁରରେ ମଧ୍ୟ କଂଗ୍ରେସର ଏକକ ସଂଖ୍ୟା ଗରିଷ୍ଠତା ସତ୍ତ୍ୱେ ବିଜେପି ଅନ୍ୟ ଦଳମାନଙ୍କୁ ନେଇ ସରକାର



ରବି ଦାସ

ଗଠନ କରିଛି। ଏହି କ୍ରମରେ ତ୍ରିପୁରା ବିଜୟ ବିଜେପି ପାଇଁ ପ୍ରକୃତ ଉତ୍ସାହ ଆଣିଛି। ବାମପନ୍ଥୀ ସାମ୍ମୁଖ୍ୟ ଗଡ଼ରେ ବିଜେପି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସହ ଆଦିବାସୀ ମେଣ୍ଟ ଜରିଆରେ କ୍ଷମତା ଗ୍ରହଣ କରିବା ଓ କଂଗ୍ରେସ ଦଳ ବସ୍ତୁତଃ ନିଶ୍ଚିହ୍ନ ହୋଇଯାଇ ବିଜେପିରେ ସାମିଲ୍ ହୋଇଯିବା ଯେଉଁ ପରିବେଶ ସୃଷ୍ଟି କରିଛି, ସେଠାରେ ବିଭିନ୍ନ ରାଜ୍ୟରେ ଦୃଢ଼ ଆଞ୍ଚଳିକ ଦଳମାନେ କଂଗ୍ରେସ ଓ ବିଜେପିକୁ ବାଦ୍ ଦେଇ ତୃତୀୟ ବିକଳ୍ପର ସ୍ଲୋଗାନ ଦେଇଛନ୍ତି, ଯଦିଓ ସେମାନେ ଜାଣନ୍ତି ଯେ କଂଗ୍ରେସକୁ ବାଦ୍ ଦେଇ ବିଜେପି ବିରୋଧରେ ଏକ ଜାତୀୟ ମେଣ୍ଟ ସଫଳ ହୋଇ ପାରିବ ନାହିଁ। କିନ୍ତୁ ୧୯୯୬ର ପରିସ୍ଥିତି ଯେଉଁଠାରେ ତୃତୀୟ ସାମ୍ମୁଖ୍ୟ ଶକ୍ତି କଂଗ୍ରେସଠାରୁ ଅଧିକ ରହିବ, ସେପରି ପରିବେଶକୁ ହୁଏତ ନେତାମାନେ ଅପେକ୍ଷା କରିଛନ୍ତି। ଧୀରେ ଧୀରେ ଏହା ସ୍ପଷ୍ଟ ହେଲାଣି ଯେ କଂଗ୍ରେସ ଯେଉଁ ରାଜ୍ୟମାନଙ୍କରେ ବିକଳ୍ପ ଅବସ୍ଥାରେ ନାହିଁ ଓ ସେଠାରେ ବିକଳ୍ପ ଭାବେ ଆଞ୍ଚଳିକ ବା ଅନ୍ୟ ଦଳମାନେ ମୁଣ୍ଡ ଟେକିଛନ୍ତି, ସେହିସବୁ ସ୍ଥାନରେ କଂଗ୍ରେସ ନୂତନ ଜୀବନ ହାସଲ କରିବା ଅସମ୍ଭବ ହୋଇ ପଡ଼ିଛି। ନୂଆ ଭାବରେ ସୋନିଆ ଗାନ୍ଧିଙ୍କ ପରେ ରାହୁଲ ଗାନ୍ଧି କଂଗ୍ରେସ ସଭାପତି ହୋଇଛନ୍ତି ଓ ଆସନ୍ତା ସପ୍ତାହରେ ଦୀର୍ଘ ଦିନ ପରେ ନୂଆଦିଲ୍ଲୀରେ କଂଗ୍ରେସର ସାଧାରଣ ଅଧିବେଶନ ବସି ରାହୁଲ ଗାନ୍ଧିଙ୍କ ନିର୍ବାଚନକୁ ଅନୁମୋଦନ କରିବା ସହିତ ନୂଆ ଟିମ୍ ଗଠନ କରିବ। ରାହୁଲଙ୍କ ସାଂଗଠନିକ ଦକ୍ଷତା ଓ ନେତୃତ୍ୱ ନେଇ ଦଳ ଭିତରେ ଗୁରୁତର ପ୍ରଶ୍ନ ରହିଥିଲେ ମଧ୍ୟ କଂଗ୍ରେସରେ କୌଣସି ବିକଳ୍ପ ନେତୃତ୍ୱ ସମ୍ଭାବନା ଏବେ ଦେଖାଯାଉ ନାହିଁ। ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ହରିୟାଣା, ଦିଲ୍ଲୀ, ଆସାମ ପ୍ରଭୃତି ରାଜ୍ୟରେ କଂଗ୍ରେସ ବିରୋଧୀ ବିକଳ୍ପ ଆସନରେ ରହିଥିବା ସମୟରେ ପଞ୍ଜାବ ଓ କର୍ଣ୍ଣାଟକରେ ଏହାର ସରକାର ରହି ଥିବାରୁ ଏହିସବୁ ରାଜ୍ୟମାନଙ୍କରେ ବିଜେପିକୁ କଂଗ୍ରେସ ମୁକାବିଲା କରିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ରାହୁଲ ଗାନ୍ଧିଙ୍କର ଦୁର୍ବଳତା ହେତୁ ଆସାମରେ ଯେପରି ଭାବରେ କଂଗ୍ରେସ ଲୋକମାନଙ୍କୁ ନେଇ ବିଜେପି ଶକ୍ତିଶାଳୀ ହୋଇ ସରକାର ଗଠନ କଲା ଓ ତ୍ରିପୁରାରେ କଂଗ୍ରେସ ଲୋକମାନଙ୍କୁ ବିଜେପି ସହଜରେ ଆକର୍ଷିତ କରି ସେଠାରେ ବାମପନ୍ଥୀ ସାମ୍ମୁଖ୍ୟ ସରକାରକୁ ଗାଦିଚ୍ୟୁତ କଲା, ସେସବୁ ଦେଖିବା ପରେ ସାରା ଦେଶରେ କଂଗ୍ରେସର ଗଡ଼ ସମ୍ଭାଳିବାକୁ ରାହୁଲଙ୍କ ସାମର୍ଥ୍ୟ ନେଇ ପ୍ରଶ୍ନ ଉତ୍ଥାପିତ ହୋଇଛି। ଓଡ଼ିଶାରେ କ୍ରମାଗତ ଭାବରେ ଦୁର୍ବଳ ହୋଇ ଯାଉଥିବା କଂଗ୍ରେସ ସଂଗଠନକୁ ସଜାଡ଼ିବା ଦିଗରେ କୌଣସି ପଦକ୍ଷେପ ନିଆ ନଯାଇ ପଞ୍ଚାୟତ ନିର୍ବାଚନ ଓ ବିଜେପୁର ବିଧାନସଭା ଉପନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟକୁ ଆଖି ବୁଜି ଦେବା ପରେ ରାଜ୍ୟ କଂଗ୍ରେସ ସଭାପତି ଭାବରେ ପ୍ରସାଦ ହରିଚନ୍ଦନ ରହିବେ ବୋଲି ଯେପରି ମନ୍ତବ୍ୟ ଏଆଇସିସି ପକ୍ଷରୁ ଦିଆଯାଇଛି, ସେଥିରେ ଓଡ଼ିଶାରେ କଂଗ୍ରେସ ଅବସ୍ଥା ତ୍ରିପୁରା ପରି ହେବା ନିଶ୍ଚିତ ଜଣାପଡୁଛି।

ଗୁଜରାଟ ନିର୍ବାଚନରେ କଂଗ୍ରେସ ଯେଉଁ ଧରଣର ମୁକାବିଲା କରିଛି ଓ ଯେପରି ଭାବରେ ରାଜସ୍ଥାନ ଓ ମଧ୍ୟପ୍ରଦେଶ ଉପନିର୍ବାଚନଗୁଡ଼ିକରେ କଂଗ୍ରେସର ବିଜୟ ହୋଇଛି, ସେଥିରେ ବିଜେପି ପାଇଁ ଆଶଙ୍କା ସୃଷ୍ଟି ହେବାର ଯଥେଷ୍ଟ କାରଣ ରହିଛି। କର୍ଣ୍ଣାଟକ ନିର୍ବାଚନର ଫଳାଫଳ ପରେ ଚଳିତ ବର୍ଷ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ନିର୍ବାଚନରେ କଂଗ୍ରେସ ଭଲ କରିବ ବୋଲି ଆଶା ରହିଛି। ଏପରିକି ମହାରାଷ୍ଟ୍ରରେ ଶିବସେନା ଯେପରି ଭାବରେ ବିଜେପି ବିରୋଧରେ ଆହ୍ୱାନ ସୃଷ୍ଟି କଲାଣି ଓ ସେହି ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ନେଇ ଯେଉଁ ବିଦ୍ରୋହ ଦେଖା ଦେଇଛି, ସେଥିରେ ୨୦୧୯ ନିର୍ବାଚନରେ ବିଜେପିକୁ ମହାରାଷ୍ଟ୍ରରେ ଚରମ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଏବଂ ଓଡ଼ିଶାରେ ବିଜୁ ଜନତା ଦଳ ଏବେ ବି ବେଶ୍ ଦୃଢ଼ ସ୍ଥିତିରେ ରହିଛି। ଆନ୍ଧ୍ରରେ ତେଲୁଗୁ ଦେଶମ୍ ପାର୍ଟି ଧୀରେଧୀରେ ବିଜେପିଠାରୁ ଦୂରେଇ ଯାଉଥିବା ସମୟରେ ତେଲେଙ୍ଗାନା ଶାସନରେ ଥିବା ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି ମୁଖ୍ୟ କେ ଚନ୍ଦ୍ରଶେଖର ରାଓ ପୂରାପୂରି ଭାବରେ ବିଜେପି ବିରୋଧରେ ଛିଡ଼ା ହେବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଉତ୍ତରପ୍ରଦେଶରେ ପ୍ରଥମ ଥର ପାଇଁ ଦୁଇଟି ଲୋକସଭା ଉପନିର୍ବାଚନରେ ସମାଜବାଦୀ ପାର୍ଟି ଓ ବହୁଜନ ସମାଜ ପାର୍ଟି ଏକଜୁଟ୍ ହୋଇଛନ୍ତି। ଫଳାଫଳ ଯାହା ହେଉନା କାହିଁକି, ୨୦୧୯ ନିର୍ବାଚନ ପାଇଁ ଏକ ନୂଆ ସଙ୍କେତର ବାର୍ତ୍ତା ବହନ କରିଛି। ବିଜେପି ଓ ନରେନ୍ଦ୍ର ମୋଦି ଗତ ଚାରିବର୍ଷ ମଧ୍ୟରେ ଦଳକୁ ସମ୍ପ୍ରସାରିତ କରି ପ୍ରକୃତ ସର୍ବଭାରତୀୟ ଦଳ ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ ମଧ୍ୟ ୨୦୧୪ ନିର୍ବାଚନରେ ଦିଆ ଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ଉପରେ ୨୦୧୯ ନିର୍ବାଚନରେ ନିଶ୍ଚିତ ବହୁ ପ୍ରଶ୍ନ ଉତ୍ଥାପିତ ହେବ। 'ଅଚ୍ଛେଦିନ୍'ର ପ୍ରତିଶ୍ରୁତି ସହିତ ଅର୍ଥନୈତିକ ଅଭିବୃଦ୍ଧି ହାର ହ୍ରାସ, ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ଦୁର୍ବଳତା, ମୁସଲିମ୍ ଓ ଦଳିତମାନଙ୍କ ଉପରେ ଆକ୍ରମଣ, ତ୍ରିପୁରା ବିଜୟ ପରେ ଲେନିନ୍‌ଙ୍କ ମୂର୍ତ୍ତି ଭଙ୍ଗା, ତାମିଲନାଡୁରେ ଖ୍ୟାତନାମା ସମାଜ ସଂସ୍କାରକ ଇ.ଭି. ରାମସ୍ୱାମୀ (ପେରିୟାର)ଙ୍କ ମୂର୍ତ୍ତିଭଙ୍ଗା, ଉତ୍ତରପ୍ରଦେଶରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ପ୍ରଭୃତି ବିଜେପିର ପ୍ରତିଷ୍ଠାରେ ଘୋର ଆହ୍ୱାନ ସୃଷ୍ଟି କରିଛି। ପ୍ରଥମ ଅବସ୍ଥାରେ ମୁସଲିମ୍‌ମାନଙ୍କ ବିରୋଧରେ ଗୋ- ରକ୍ଷା ନେଇ ହେଉଥିବା ଆକ୍ରମଣକୁ ଫ୍ରିଞ୍ଜ ବା ବାହ୍ୟ ଶକ୍ତିମାନଙ୍କର କାର୍ଯ୍ୟ ଭାବରେ ଉପସ୍ଥାପିତ କରା ଯାଇଥିଲା। କିନ୍ତୁ ଏଗୁଡ଼ିକ ପଛରେ ବିଜେପିର ଭିତିରି ସମର୍ଥନ ବା ବାତାବରଣ ସୃଷ୍ଟିକୁ ଅନେକେ ଦାୟୀ କରିଥିଲେ। ୟୁପିଏ ବିରୋଧରେ ଥିବା ଅସନ୍ତୋଷ ବା ଦୁର୍ନୀତି ଅଭିଯୋଗ ଯୋଗୁଁ ସାଧାରଣ ଲୋକମାନେ ବିଜେପିର ମାତ୍ରାଧିକ କାର୍ଯ୍ୟକଳାପକୁ ସହ୍ୟ କରିଥିଲେ ମଧ୍ୟ ୨୦୧୯ ନିର୍ବାଚନରେ ପରିସ୍ଥିତି ଭିନ୍ନ ରୂପ ଗ୍ରହଣ କରିବାର ସମ୍ଭାବନା ରହିଛି।

କଂଗ୍ରେସ ଦେଶର ମୁଖ୍ୟ ବିରୋଧୀ ଦଳ ଭାବରେ ଯେଉଁ ଭୂମିକା ଗ୍ରହଣ କରିବା କଥା, ତାହା କରିବା ପାଇଁ ରାହୁଲ ଗାନ୍ଧିଙ୍କର ଦକ୍ଷତା ନଥିବା ଦୃଷ୍ଟିରୁ ସୋନିଆ ଗାନ୍ଧି ଅସୁସ୍ଥତା ସତ୍ତ୍ୱେ ଏ ଦିଗରେ କିଛି ଉଦ୍ୟମ ଆରମ୍ଭ କରୁଛନ୍ତି। ଅସଲ କଥା ହେଉଛି, କଂଗ୍ରେସ ନିକଟରେ ଅଧିକାଂଶ ରାଜ୍ୟରେ ଦକ୍ଷ ସଂଗଠକ ନାହାନ୍ତି। ଅପର ପକ୍ଷରେ ବିଜେପିରେ ଆରଏସ୍‌ଏସ୍ ଟ୍ରେନିଂପ୍ରାପ୍ତ ଓ ଅନ୍ୟ ତାଣୁଆ ସଂଗଠକ ଅଛନ୍ତି ଓ କେନ୍ଦ୍ରୀୟ ନେତୃତ୍ୱର ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ମଧ୍ୟ ରହିଛି। କଂଗ୍ରେସ ଏହିସବୁ ଦୁର୍ବଳତାକୁ କିପରି ସଜାଡ଼ିବ, ତାହା ଏଆଇସିସି ଅଧିବେଶନ ପରେ କିଛି ସ୍ପଷ୍ଟତା ଆଣିବ। କିନ୍ତୁ ସମସ୍ତେ ସ୍ୱୀକାର କରିବେ ଯେ ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସ ସମେତ ଦେଶର ମୁଖ୍ୟ ବିରୋଧୀ ଦଳଗୁଡ଼ିକ ସହମତିରେ ପହଞ୍ଚି ପାରିଲେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତା ଦଖଲ କରିବା ଅସମ୍ଭବ ହେବ। ଏହିସବୁ ନେତା ହେଲେ ସୋନିଆ ଗାନ୍ଧି, ଶରଦ ପାଓ୍ୱାର, କରୁଣାନିଧି ବା ଷ୍ଟାଲିନ୍, ଅଖିଳେଶ ଯାଦବ, ମାୟାବତୀ, ଚନ୍ଦ୍ରାବାବୁ ନାଇଡୁ, କେ ଚନ୍ଦ୍ରଶେଖର ରାଓ, ମମତା ବାନାର୍ଜୀ, ନବୀନ ପଟ୍ଟନାୟକ, ସୀତାରାମ ୟେଚୁରୀ ଓ ଡି ରାଜା ପ୍ରମୁଖ। ୧୯୮୯ ପୂର୍ବରୁ ରାଜୀବ ଗାନ୍ଧିଙ୍କ ବିରୋଧରେ ଭି ପି ସିଂହ ଉଭୟ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ଦଳମାନଙ୍କୁ ଏକଜୁଟ୍ କରି ପାରିଥିଲେ। ରାହୁଲ ଗାନ୍ଧି ବା କଂଗ୍ରେସ ଦଳର ସେହି ଦକ୍ଷତା ନଥିଲେ ମଧ୍ୟ ରାଜନୈତିକ ବାସ୍ତବତା ଓ ବିଜେପିର ଏକଚାଟିଆ କାରବାରର ପରିବେଶକୁ ଦେଖି ରାଜ୍ୟମାନଙ୍କ ସ୍ତରରେ ପ୍ରାୟ ବୁଝାମଣା ପ୍ରତିଷ୍ଠା ହୋଇଯିବ ବୋଲି ଆଶା କରାଯାଉଛି। ବିହାର ନିର୍ବାଚନରେ ଯେଉଁ ପରି ମହାଗଠବନ୍ଧନ ହୋଇଥିଲା, ସେପରି ନହେଲେ ମଧ୍ୟ ଅଧିକାଂଶ ଲୋକସଭା ଆସନରେ ବିଜେପି ସହିତ ଲଢ଼ିବା ପାଇଁ ବିରୋଧୀମାନଙ୍କ ଭିତରେ ବୁଝାମଣା ସ୍ଥାପନ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିବା ଉତ୍ତରପ୍ରଦେଶ ଉପନିର୍ବାଚନରୁ ସଙ୍କେତ ମିଳୁଛି।

ବିଜେପିର ଶକ୍ତି ଯେତିକି ସମ୍ପ୍ରସାରିତ ହେଉଛି ବୋଲି କୁହାଯାଉଛି, ସେହି ପରିମାଣରେ ବିରୋଧୀ ପକ୍ଷ ଏକଜୁଟ୍ ହେବା ପାଇଁ ପ୍ରେରଣା ପାଉଛନ୍ତି। ସଂଖ୍ୟାଲଘୁଙ୍କ ପ୍ରତି ବିଜେପି ଓ ଏହାର ସଂଗଠନଗୁଡ଼ିକର ଆଭିମୁଖ୍ୟ ସହିତ ବିଭିନ୍ନ ରାଜ୍ୟ ଦଖଲ ପାଇଁ ଏହାର ନେତାମାନଙ୍କର ବାହାସ୍ଫୋଟ ଆଞ୍ଚଳିକ ଦଳମାନଙ୍କୁ ଭୟଭୀତ କରୁଛି। ପଶ୍ଚିମବଙ୍ଗ, ଓଡ଼ିଶା ଓ କର୍ଣ୍ଣାଟକ ଦଖଲ କରିବା ପରେ ବିଜେପିର ପ୍ରକୃତ ସୁବର୍ଣ୍ଣ ଯୁଗ ଆସିବ ବୋଲି ଦଳର ସଭାପତି ଅମିତ ଶାହ ଯେପରି ଘୋଷଣା କରିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ କଦାପି ଗ୍ରହଣୀୟ ହେବନାହିଁ। ଗୋଟିଏ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ଅର୍ଥ ନୁହେଁ ସେହି ରାଜ୍ୟକୁ ଦଖଲ କରାଗଲା। ଗଣତନ୍ତ୍ରରେ ଏହି ପ୍ରକ୍ରିୟା ବରାବର ଚାଲିବ। କିନ୍ତୁ ଏହାକୁ ଗଣତାନ୍ତ୍ରିକ ଢଙ୍ଗରେ ଗ୍ରହଣ କରା ନଗଲେ ତ୍ରିପୁରା ବିଜୟ ପରେ ଯେଉଁ କାଣ୍ଡ ହେଲା, ତାହା ଦେଶର ସବୁ ଆଡ଼କୁ ସମ୍ପ୍ରସାରିତ ହେବ। ଦୀର୍ଘ ୨୫ ବର୍ଷ ପରେ ବିଜେପି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସହିତ କେନ୍ଦ୍ରରେ ସରକାର ଗଠନ କରି ଥିବାରୁ ଭାରତ ଦଖଲ ହେଲା ବୋଲି ବିଚାର କରି ତଥାକଥିତ ଫ୍ରିଞ୍ଜ୍ ଗ୍ରୁପ୍‌ଗୁଡ଼ିକ ଯାହା କରୁଛନ୍ତି, ତାହା ବିଜେପିର ସମ୍ମାନ ବୃଦ୍ଧି କରିନାହିଁ। କେହି ଭୁଲିଯିବା ଉଚିତ ନୁହେଁ ଯେ ଭାରତ ପରି ବହୁ ଭାଷା, ଧର୍ମ, ଜାତି, ସମ୍ପ୍ରଦାୟ ଓ ବିଭିନ୍ନତା ଦେଶରେ ସମସ୍ତଙ୍କ ଭିତରେ ବିଶ୍ୱାସ ସୃଷ୍ଟି କରାଯାଇ ପାରିଲେ ହିଁ ଦେଶର ପ୍ରକୃତ ଅଗ୍ରଗତି ହାସଲ ହେବ। ୨୦୧୪ ନିର୍ବାଚନରେ ବିଜେପିକୁ ମାତ୍ର ଶତକଡ଼ା ୩୧ଭାଗ ଭୋଟ ମିଳିଥିବା ବେଳେ ୬୯ଭାଗ ଭୋଟ ଅନ୍ୟ ଦଳମାନଙ୍କୁ ଯାଇଥିଲା। ଏଣୁ ସାମାନ୍ୟ ବୁଝାମଣା ଘଟିଲେ ୨୦୧୯ ନିର୍ବାଚନ ଫଳାଫଳ ଭିନ୍ନରୂପ ନେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଜେପି ନେତୃତ୍ୱ ଓ ସମର୍ଥକମାନେ ଆଚରଣ ଓ ଉଚ୍ଚାରଣ ପରିବର୍ତ୍ତନ କରିବା ଅତି ଜରୁରୀ। ■

ବରିଷ୍ଠ ସାମ୍ବାଦିକ

ମୋ: ୮୦୧୮୦୯୪୪୫୫/ ୯୪୩୭୪୦୪୪୫୫

ବିଜ୍ଞାପନ

ବିଜ୍ଞାପନର ଯୁଗ ଏଇଟା। ବିଜ୍ଞାପନର ଭଳିକି ଭଳି ଭେଳିକି ଆମକୁ ଏମିତି କିମିଆ କରିଛି ଯେ ଆମେ ସେଥିରେ ସମ୍ପୂର୍ଣ୍ଣ କିଳି ହୋଇ ଯାଇଛୁ। ବିଜ୍ଞାପନଟିଏ ଗଣମାଧ୍ୟମରେ ବିଜ୍ଞାପିତ ହେଲା ପରେ ସମାଜ ଉପରେ ଏହାର ପ୍ରଭାବ ଗଭୀର ମାତ୍ରାରେ ପଡ଼େ। ବିଜ୍ଞାପନ ଏକ କ୍ଷୁଦ୍ର କାର୍ଯ୍ୟକ୍ରମ, ମାତ୍ର ଏହାର ପ୍ରଭାବ ଅନ୍ୟାନ୍ୟ କାର୍ଯ୍ୟକ୍ରମଠାରୁ ଅଧିକ। ଏହାର ମୂଳ ଲକ୍ଷ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଓ ବିଜ୍ଞାପିତ ଜିନିଷକୁ ପହଞ୍ଚାଇବା। ଏଗୁଡ଼ିକର ସମାଜ ପ୍ରତି କର୍ତ୍ତବ୍ୟ ବହୁତ, ମାତ୍ର ଏବେ ଏସବୁ କର୍ତ୍ତବ୍ୟ କକ୍ଷପଥରୁ ବିଚ୍ୟୁତ।

ଆଦିତ୍ୟ ଚନ୍ଦ୍ର ଦାସ

ବିଜ୍ଞାପନରେ ଯାହା ବିଜ୍ଞାପିତ ହୁଏ, ତାହା ସମାଜର ବିକାଶ ନିମନ୍ତେ। କେବଳ ବସ୍ତୁତ୍ୱ ବିକାଶ ହୁଏନାହିଁ, ଏକାଧାରରେ ଶିକ୍ଷା, ସଂସ୍କୃତି, ଚିନ୍ତାଧାରା ଓ ଏକତାର ବିକାଶ ହୁଏ। ମାତ୍ର ଏବକାର ବିଜ୍ଞାପନ ଧୀରେ ଧୀରେ ସେହି ଲକ୍ଷ୍ୟପଥରୁ ନିରୁତା ନିରତ ହେବାରେ ଲାଗିଛି। ଗୋଟେ ଗୋଟେ ବିଜ୍ଞାପନ ପରିବାର ଉପସ୍ଥିତିରେ ଦେଖି ହେଉନି। ବିଜ୍ଞାପନରେ ବିଜ୍ଞାପିତ ହେଉଥିବା ଜିନିଷଟି କିପରି ଆୟର ବୃଦ୍ଧି କରିବ, ବେଶୀ ଲୋକେ ତାହାକୁ କିପରି ବ୍ୟବହାର କରିବେ, ସେ ବିଷୟରେ ବିଜ୍ଞାପନ ଦାତାମାନେ ସତତଃ ଚେଷ୍ଟିତ ଅଛନ୍ତି, ଯାହାର ପରିଣାମ ସ୍ୱରୂପ ଅନେକ ସମୟରେ ନଗ୍ନତାର ଆଶ୍ରୟ ନେଉଛନ୍ତି। ସମାଜ ଉପରେ ତା'ର କୁପ୍ରଭାବ ପ୍ରବଳ ମାତ୍ରରେ ପଡୁଛି। ଯେତେ ନୀତିନିୟମ ହେଉଛି, ନିୟମ କଲାବାଲା ହିଁ ତାହାକୁ ଭାଙ୍ଗି ଦେଉଛନ୍ତି। ପ୍ରତିଯୋଗିତାରେ ତିଷ୍ଠି ରହିବା ସଙ୍ଗେ ସଙ୍ଗେ ଆୟ ବୃଦ୍ଧିକୁ ଆଖି ଆଗରେ ରଖି ଦର୍ଶକଙ୍କୁ ଆକୃଷ୍ଟ କଲା ଭଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି। କହୁ ନାହାନ୍ତି, ଏମିତି ଗୋଟିଏ ବିଜ୍ଞାପନ ଅଛି କି ଯେଉଁଥିରେ ନାରୀ ଚରିତ୍ର ଅଭିନୟ କରି ନଥିବେ ?

ବିଜ୍ଞାପନ ପ୍ରସାରଣ କରାଯାଏ ଜନସାଧାରଣଙ୍କୁ କୌଣସି ବିଷୟରେ କିଞ୍ଚିତ୍ ସୂଚନା ଦେବା ପାଇଁ। ବିଜ୍ଞାପନର ସାମାଜିକ ଉପାଦେୟତାକୁ ଯଦିଓ ଅସ୍ୱୀକାର କରିହେବ ନାହିଁ, ତଥାପି ଏକଥା ମଧ୍ୟ ଅସ୍ୱୀକାର କରିହେବ ନାହିଁ ଯେ ଏବେ ବିଜ୍ଞାପନଗୁଡ଼ିକ ବିନା ବ୍ୟବସାୟିକ ଛିଟା ନେଇ ଉପସ୍ଥାପିତ ହେଉଛି ବୋଲି। ଏବକାର ବିଜ୍ଞାପନର ପ୍ରାରମ୍ଭିକ ଲକ୍ଷ୍ୟ କେବଳ ଜନସାଧାରଣଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା, ଯାହାଦ୍ୱାରା ବ୍ୟବସାୟର ଉନ୍ନତି ହେବା ସଙ୍ଗେ ସଙ୍ଗେ ଆୟ ବୃଦ୍ଧି କରିବା। ସାମାଜିକ ତତ୍ତ୍ୱର ଅନୁପସ୍ଥିତି ପ୍ରାଞ୍ଜଳ ଭାବରେ ପରିଲକ୍ଷିତ ହୁଏ ଆଜିର ଅସାମାଜିକପୂର୍ଣ୍ଣ ଜୀବନଯାପନ ସମ୍ବନ୍ଧିତ ବିଜ୍ଞାପନରେ।

ବିଜ୍ଞାପନ ଓ ବିଜ୍ଞାପନ ସଂଗଠନମାନ ବଞ୍ଚନ୍ତି ଗଣମାଧ୍ୟମ ସହାୟତାରେ। ଗଣମାଧ୍ୟମ ବି ବଞ୍ଚେ ଏମାନଙ୍କ ସହାୟତାରେ। ଲକ୍ଷ୍ୟ କରାଯାଉଛି ଯେ ଆୟ ବୃଦ୍ଧି ପାଇଁ ଗଣମାଧ୍ୟମମାନେ ଆଜିକାଲି ବିଜ୍ଞାପନ ପ୍ରସାରଣ କରିବା ପୂର୍ବରୁ କ୍ୱଚିତ୍ କୌଣସି ନୀତି ନିୟମ ମାନୁଛନ୍ତି, ଯେମିତି ବିଜ୍ଞାପନ ପ୍ରସ୍ତୁତକର୍ତ୍ତାମାନେ କିଛି ନୀତିନିୟମ ମାନୁ ନାହାନ୍ତି। ବିଜ୍ଞାପନ ଗଣମାଧ୍ୟମର ଏଭଳି ଆଚରଣ ଓ ଦେଶର ଖୋଲା ନୀତି ଯୋଗୁ ବିଜ୍ଞାପନ ପ୍ରସ୍ତୁତକର୍ତ୍ତାମାନଙ୍କୁ ନିୟନ୍ତ୍ରଣ କରିବା କଠିନ ହୋଇ ପଡ଼ିଛି। ବିଜ୍ଞାପନ କ୍ଷେତ୍ରରେ କେତୋଟି ଦିଗ ପ୍ରତି ଗୁରୁତ୍ୱ ଦେବା ଉଚିତ। ସେଥି ମଧ୍ୟରୁ ପ୍ରଥମଟି ହେଲା, ବିଜ୍ଞାପନ ନିର୍ମାଣ ସମୟରେ ଏହା ସମାଜ ତଥା ଜନସାଧାରଣଙ୍କ ହିତକୁ ଆଖି ଆଗରେ ରଖି ନିର୍ମାଣ ହେବା ଉଚିତ। ଦ୍ୱିତୀୟରେ ସାମାଜିକ ବିଜ୍ଞାପନ ପ୍ରସାରଣର ସମୟକୁ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯିବା ବିଧେୟ। ତୃତୀୟତଃ ସାମାଜିକ ବିଜ୍ଞାପନ ନିର୍ମାଣରେ ଖର୍ଚ୍ଚକୁ ନ ଡରି ଦର୍ଶକ ଆକୃଷ୍ଟ ହେଉଥିବା ଓ ଦର୍ଶକ ବିଜ୍ଞାପନ ବିଷୟରେ ସଠିକ୍ ଜ୍ଞାନ ପାଇ ପାରିବା କଥାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଶେଷରେ ସାମାଜିକ ବିଜ୍ଞାପନର ରୁଚି, ସ୍ଥାନ, କାଳ, ପାତ୍ର ଓ ସାମାଜିକ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ଥିବାର ଗୁରୁତ୍ୱକୁ ଅଧିକ ପ୍ରଭାବିତ କରିବା ଉଚିତ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ବିଜ୍ଞାପନଗୁଡ଼ିକ ସମ୍ବନ୍ଧରେ ନୀତି ପ୍ରଣୟନ କରିବା ସମୟରେ ସରକାର ଯେଉଁ ଯେଉଁ ବିଷୟ ଉପରେ ଗୁରୁତ୍ୱ ଦିଅନ୍ତୁ ନା କାହିଁକି, ପ୍ରଥମରେ ବ୍ୟବସାୟିକ ବିଜ୍ଞାପନରୁ ଅସାମାଜିକ ତଥ୍ୟର ବିଲୋପ ହେବା ଚାହି। ଦ୍ୱିତୀୟରେ ସାମାଜିକ ବିଜ୍ଞାପନ ନିର୍ମାଣ ହେବା ଚାହି ଯାହା ପ୍ରଚାର ଓ ପ୍ରସାରଣରେ ବ୍ୟାପକ ବୃଦ୍ଧି ପାଇବା ସହିତ ଜନ ସମୁଦାୟରେ ଆଦୃତ ହେଉଥିବ। ସରକାରୀ ସ୍ତରରେ ବିଜ୍ଞାପନ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ନିୟମ ଏବଂ ଏ ଦିଗ ପ୍ରତି କି କି କର୍ତ୍ତବ୍ୟ କରାଯାଇପାରେ, ସେ ଦିଗରେ ସମସ୍ତେ ସଚେତନ ହେବା ଜରୁରୀ। ନା, କ'ଣ କହୁଛନ୍ତି ଆଜ୍ଞା ? ■

selling
customer
trademark
commercial
online
advertisement
internet
radio
Advertising
brand
marketing
newspapers
billboards
concept
ads
mobile
media
banner

କ୍ଷେତ୍ରପାଳ, କଂଟିଗଡ଼ିଆ, ଯାଜପୁର

ମୋ: ୯୪୩୯୩୭୮୩୫୯

ନିତିଦିନ
NITIDIN
ମଙ୍ଗଳବାର, ୧୩ ମାର୍ଚ୍ଚ ୨୦୧୮

ଚାଷୀ ଓ ବାକ୍‌ଚାତୁରୀ

ଚାଷ ଓ ଚାଷୀମାନଙ୍କ ଦେଶ ଭାବରେ ପରିଚିତ ଭାରତରେ ଚାଷୀ ଆଜି ସବୁଠୁ ବେଶୀ ଅବହେଳିତ ବୋଲି ନିହାତି କମ୍‌ରେ ଚାରି ପାଞ୍ଚବର୍ଷ ହେବ ପ୍ରଭୂତ ଚର୍ଚ୍ଚା ହୋଇ ଆସୁଛି। ବର୍ଷ ପରେ ବର୍ଷ ଦେଶରେ ବଢ଼ି ଚାଲିଛି ଚାଷୀ ଆତ୍ମହତ୍ୟା। କିନ୍ତୁ ସମାଧାନ ହୋଇ ପାରିନାହିଁ ଚାଷୀମାନଙ୍କ ସମସ୍ୟାର ଯାହାର ପରିଣତି ସ୍ୱରୂପ ଦେଶର ଆର୍ଥିକ ରାଜଧାନୀ ଭାବରେ ପରିଚିତ ମୁମ୍ବାଇ ମହାନଗରୀର ରାଜରାସ୍ତା ଲୋହିତ ସାଗର ପାଲଟି ଯାଇଛି। ଲୋହିତ ସାଗର କୁହାଯିବାର କାରଣ, ବିଭିନ୍ନ ଦାବି ନେଇ ମୁଣ୍ଡରେ ନାଲି ଟୋପି ଓ ହାତରେ ନାଲି ଝଣ୍ଡାମାନ ଧରି ମାର୍ଚ୍ଚ ମାସର ଖରାରେ ସିଝି ସିଝି ମହାରାଷ୍ଟ୍ରର ନାସିକ୍ ଜିଲ୍ଲାରୁ ଦୀର୍ଘ ଛଅଦିନ କାଳ ପାଦରେ ଚାଲି ଚାଲି ଏଠାରେ ପହଞ୍ଚିଛନ୍ତି ପ୍ରାୟ ୫୦ ହଜାରରୁ ଅଧିକ ସଂଖ୍ୟକ ଚାଷୀ ବାମପନ୍ଥୀ ସମର୍ଥିତ ଏଆଇକେଏସ୍ (ଅଲ୍ ଇଣ୍ଡିଆ କିଷାନ ସଭା) ନେତୃତ୍ୱରେ। ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଲାଗୁ କରିବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ସେମାନେ ବିଧାନସଭା ଘେରାଉ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କର ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ରହିଛି- ସମ୍ପୂର୍ଣ୍ଣ ଋଣ ଛାଡ଼ ଯାହାଦ୍ୱାରା କେବଳ କିଛି ସୀମିତ ସଂଖ୍ୟକ ଚାଷୀ ନୁହନ୍ତି, ସବୁ ଚାଷୀ ଉପକୃତ ହେବେ; ଫସଲର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି ନୁହେଁ, ପ୍ରମୁଖ କୃଷି ଉତ୍ପାଦ ଉପରେ ଦେଢ଼ଗୁଣ ବିନିଯୋଗ ମୂଲ୍ୟ ଯୋଗ କରିବା; ବର୍ଷ ବର୍ଷ ଧରି ଜମି ଚାଷ କରି ଆସୁଥିବା ଆଦିବାସୀ ଚାଷୀମାନଙ୍କୁ ଜଙ୍ଗଲ ଜମି ଆବଣ୍ଟନ ସହିତ ଜଙ୍ଗଲ ଅଧିକାର ଆଇନ ଲାଗୁ କରିବା ଇତ୍ୟାଦି ପ୍ରମୁଖ ହୋଇଥିବା ବେଳେ ଲଗାଣ ବର୍ଷା ଏବଂ କୀଟପତଙ୍ଗ ଆକ୍ରମଣ ଯୋଗୁଁ ଫସଲ ନଷ୍ଟ କ୍ଷେତ୍ରରେ ଏକର ପିଛା ୪୦ ହଜାର ଟଙ୍କାର କ୍ଷତିପୂରଣ ମଧ୍ୟ ସେମାନଙ୍କର ଦାବିଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ। ଫସଲ ନଷ୍ଟ ହେଲେ ଚାଷୀର ମୁଣ୍ଡରେ ବଜ୍ର ପଡ଼ିଯାଏ; ଋଣ ଭାରରେ ଭାରାକ୍ରାନ୍ତ ଚାଷୀଟିଏ କରଜ ଶୁଝି ନପାରି ବେକରେ ଲଗାଇ ଦିଏ ଫାଶୀ। ଆଦିବାସୀମାନଙ୍କର ଭୟ, କାଳେ ସେମାନଙ୍କ ଜମିକୁ ଦିନେ ସରକାର ନେଇଯିବେ। ଆଉ ଏହା ହିଁ ବାସ୍ତବରେ ଗ୍ରାମାଞ୍ଚଳରେ ବାସ କରୁଥିବା ଚାଷୀ ମୂଲିଆଙ୍କର ଆଶଙ୍କା। ଅନ୍ୟ ଏକ ବାସ୍ତବତା ସମ୍ବନ୍ଧରେ ନିକଟରେ ଭାରତର ଜନଗଣନା ବିଭାଗ ପ୍ରକାଶ କରିଛନ୍ତି କେତେକ ଉଲ୍ଲେଖନୀୟ ତଥ୍ୟ- ସ୍ୱାଧୀନତାର ସାତ ଦଶନ୍ଧି ପରେ ଦେଶର ଚାଷୀମାନଙ୍କ ମଧ୍ୟରୁ ଏକ ସିଂହଭାଗ ସେମାନଙ୍କ ଜମି ନିଜେ ଚାଷ କରନ୍ତି; ଅଧିକାଂଶ ଦଳିତ ଚାଷୀ ହେଉଛନ୍ତି ଦିନ ମଜୁରିଆ। ପୁଣି ଅନେକ ରାଜ୍ୟରେ ଏଇ ପରିସ୍ଥିତି ଅଧିକ ସଙ୍ଗିନ୍। କୃଷି କ୍ଷେତ୍ରର ଅଭିବୃଦ୍ଧି ଆପାତତଃ ସ୍ଥିର ଅବସ୍ଥାରେ ରହିଛି। ମଜୁରି ହାରର ଅଭିବୃଦ୍ଧି ବାସ୍ତବରେ ଦେଖିବାକୁ ଗଲେ ହ୍ରାସ ପାଇଛି। କୃଷିଋଣ ଉଲ୍ଲେଖନୀୟ ଭାବରେ କମିଛି, ଏମିତିକି ଚାଷୀମାନଙ୍କୁ ଠିକ୍ ସମୟରେ ଉଚିତ ପରାମର୍ଶ ଦେବାପାଇଁ ସରକାରୀ କର୍ମଚାରୀଙ୍କ ସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି। ସର୍ବୋପରି ଭାରତର କୃଷି ଏବେ ବି ମୌସୁମୀ ହାତର କ୍ରୀଡ଼ନକ ହୋଇ ରହିଛି।

କେବଳ କେତେଗୋଟି ରାଜ୍ୟ ଭିତରେ କୃଷକର ସମସ୍ୟା ସୀମିତ ନୁହେଁ। ଏହା ଦେଶବ୍ୟାପୀ। ମହାରାଷ୍ଟ୍ରରେ ଚାଷୀମାନେ ବିଧାନସଭା ଘେରାଉ କରିବାକୁ ଆଗଭର ହୋଇଥିବା ବେଳେ ଓଡ଼ିଶାରେ ନବ ନିର୍ମାଣ କୃଷକ ସଂଗଠନ ବେଶ୍ କିଛିବର୍ଷ ଧରି ସରକାରଙ୍କ ନିକଟରେ ଦାବି କରି ଆସୁଛି ଚାଷୀମାନଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍‌ର। କିଛି ମାସ ପୂର୍ବେ ମଧ୍ୟପ୍ରଦେଶରେ ମଧ୍ୟ ଚାଷୀମାନେ ସରକାରଙ୍କ ବିରୋଧରେ ସ୍ୱର ଉଠାଇ ଥିଲେ। ସେ ଯାହାହେଉ, ଗତ ମାସରେ କେନ୍ଦ୍ର ବଜେଟ୍‌ରେ ଚାଷୀମାନଙ୍କ ଦୁର୍ଦ୍ଦଶା ମୋଚନ କରିବା ନିମନ୍ତେ ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବାଠାରୁ ଆରମ୍ଭ କରି ଅପରେସନ୍ ଗ୍ରୀନ୍ ପାଇଁ ୫୦୦ କୋଟି ଟଙ୍କାର ବ୍ୟବସ୍ଥା କଲେ। ଉଦ୍ଦେଶ୍ୟ- ଅପରେସନ୍ ଗ୍ରୀନ୍ ଅଧୀନରେ ଚାଷୀମାନେ ପନିପରିବା ଫସଲ ଯଥା ଟମାଟୋ, ପିଆଜ, ଆଳୁ ଇତ୍ୟାଦି ଚାଷ କରି ଲାଭବାନ୍ ହେବେ। ପ୍ରଶ୍ନ ଉଠେ- କେଉଁମାନେ ଏଭଳି ଫସଲ ଚାଷ କରିବେ ଓ ଲାଭ ଯିବ କାହା ନିକଟକୁ ? ଉତ୍ତର ନିଶ୍ଚିତ ଭାବରେ ହେବ, ଯେଉଁ ଚାଷୀମାନଙ୍କର ନିଜର ଜମି ଅଛି, ଅର୍ଥାତ୍ ଯେଉଁମାନଙ୍କର ନିଜସ୍ୱ ଜମି ନାହିଁ, ସେମାନେ ଲାଭ ପାଇବେ ନାହିଁ। ଏଥିରୁ ସହଜରେ ଅନୁମେୟ, କୃଷିକୁ ନେଇ କୃଷକ କାହିଁକି ଏତେ ଚିନ୍ତିତ। ଏକଥା ପ୍ରାୟତଃ ଲକ୍ଷ୍ୟ କରାଯାଇଛି ଯେ ଚାଷୀମାନେ ଯେତେବେଳେ ବି ସେମାନଙ୍କ ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିଛନ୍ତି, ସେତେବେଳେ ତାହା ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି। ମହାରାଷ୍ଟ୍ର କ୍ଷେତ୍ରରେ ତାହା ଯେ ନହେବ, ତା'ର କିଛି ନିଶ୍ଚିତତା ନାହିଁ। ମହାରାଷ୍ଟ୍ରରେ ୫୦ ହଜାର ହୁଅନ୍ତୁ କି ଓଡ଼ିଶାରେ ୫ ଶହ ଚାଷୀ ସ୍ୱର ଉତ୍ତୋଳନ କରନ୍ତୁ, ଉଭୟ ସହରାଞ୍ଚଳର ଅଧିବାସୀ ଏବଂ ଚାଷୀମାନଙ୍କ ପାଇଁ ନୀତି ନିର୍ଦ୍ଧାରଣର ଦାୟିତ୍ୱ ନ୍ୟସ୍ତ ଥିବା ଲୋକମାନଙ୍କୁ ଗୋଟିଏ କଥା କିନ୍ତୁ ସ୍ୱୀକାର କରିବାକୁ ହେବ ଯେ ଚାଷୀର ଜୀବନ ବିପଦାପନ୍ନ, ଚାଷର ଅବସ୍ଥା ସଙ୍ଗିନ୍ ଏବଂ ଏହାକୁ ଏଡ଼ାଇ ଯିବାର ଅର୍ଥ ଦେଶର କୋଟି କୋଟି ଲୋକଙ୍କ ଜୀବନକୁ ବିପଦାପନ୍ନ କରିବା। ତେଣୁ ଏଣିକି ଚାତୁର୍ଯ୍ୟପୂର୍ଣ୍ଣ କଥାରେ ନୁହେଁ, ସରକାର ବାସ୍ତବରେ ଚାଷୀର ସମସ୍ୟାକୁ ବୁଝି ତା'ର ନିରାକରଣ କରିବା ଉଚିତ। ■

ଶାମି ଓ ବିସିସିଆଇ

ଦେଶ ପାଇଁ କ୍ରିକେଟ୍‌ର ଜଣେ ଫାଷ୍ଟ ବୋଲର ଭାବେ ବେଶ୍ କେତେକ ମ୍ୟାଚ୍ ଖେଳିଥିବା ମହମ୍ମଦ ଶାମି ସମ୍ପ୍ରତି ତାଙ୍କର ପତ୍ନୀ ହସିନ୍ ଜାହାଁଙ୍କ ତରଫରୁ ପାରିବାରିକ ହିଂସା, ଦୁଷ୍କର୍ମ, ପରକୀୟା ପ୍ରୀତିରେ ସଂଶ୍ଳିଷ୍ଟ ଭଳି ଅନେକ ଅଭିଯୋଗର ସମ୍ମୁଖୀନ ହୋଇଛନ୍ତି ଏବଂ ପୁଲିସ ତାଙ୍କୁ ହେପାଜତକୁ ନେଇଛି। ଏଥିରେ ସନ୍ଦେହ ନାହିଁ ଯେ ଶାମିଙ୍କୁ ସେସବୁ ଅଭିଯୋଗର ସନ୍ତୋଷଜନକ ଉତ୍ତର ଦେବାକୁ ପଡ଼ିବ। କିନ୍ତୁ ଏ ଭିତରେ ବିସିସିଆଇ (ବୋର୍ଡ୍ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ) ତାଙ୍କର ବାର୍ଷିକ ଚୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିବା ଉଚିତ ହୋଇନାହିଁ। ଅବଶ୍ୟ ମ୍ୟାଚ୍ ଫିକ୍ସିଂକୁ ନେଇ ଶାମିଙ୍କର କିଛି ଲୋକଙ୍କ ସହିତ ସମ୍ପର୍କ ରହିଥିବା ସମ୍ପର୍କରେ ତାଙ୍କର ପତ୍ନୀ ଯେଉଁ ଅଭିଯୋଗ ଉଠାଇଛନ୍ତି, ସେ ସମ୍ପର୍କରେ ବୋର୍ଡ୍ ତଦନ୍ତ କରିପାରେ। କିନ୍ତୁ କ୍ରିକେଟ୍‌ର ତିନିଗୋଟିଯାକ ଫର୍ମାଟ୍‌ରେ ଶାମି ଜଣେ ଉଚ୍ଚ ସ୍ତରର ଖେଳାଳି ହୋଇ ଥିବାରୁ ତଥା ସେଥିପାଇଁ ଚୁକ୍ତିର ସୀମା ଓ ପାରିଶ୍ରମିକ ବୃଦ୍ଧି କରାଯାଇଥିବା ପରିପ୍ରେକ୍ଷୀରେ ଖେଳାଳିମାନଙ୍କ ତାଲିକାରୁ ତାଙ୍କ ନାମକୁ ବାଦ୍ ଦେବାକୁ ବିସିସିଆଇର ଏକ ଅପରିପକ୍ୱ ନିଷ୍ପତ୍ତି ବୋଲି କୁହାଯାଇପାରେ। ପୁନଶ୍ଚ, ଶାମିଙ୍କ ପତ୍ନୀ ଶାମିଙ୍କର ପରକୀୟା ପ୍ରୀତି ସମ୍ବନ୍ଧରେ ଯେଉଁ ଅଭିଯୋଗ ଉଠାଇଛନ୍ତି, ତାହା ଅତ୍ୟନ୍ତ ଗୁରୁତର ବିଶେଷକରି ତାଙ୍କର ବିବାହ ଦୃଷ୍ଟିରୁ। କ୍ରୀଡ଼ା କର୍ତ୍ତୃପକ୍ଷମାନେ ଏସବୁ ପ୍ରତି ସେତେଟା ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ କାରଣ ନୈତିକ ପୁଲିସ ଭାବରେ କାମ କରିବା ସେମାନଙ୍କର ସ୍ୱାର୍ଥ ସାଧନ କରିବ ନାହିଁ। ନୈତିକତାକୁ ବଜାୟ ରଖିବା ପାଇଁ ଦକ୍ଷିଣ ଆଫ୍ରିକା ବୋର୍ଡ୍ ତା'ର ଖେଳାଳିମାନଙ୍କ ବିଦେଶ ଗସ୍ତ ସମୟରେ ସେମାନଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଯିବା ପାଇଁ ଅନୁମତି ଦେଇଥାଏ, ଏପରିକି ସେମାନଙ୍କ ପତ୍ନୀମାନଙ୍କ ଖର୍ଚ୍ଚ ମଧ୍ୟ ବହନ କରିଥାଏ। ବିସିସିଆଇ ସେ ଦୃଷ୍ଟିରୁ ପଛରେ ରହିଛି। ସେ ଯାହାହେଉ, ବର୍ତ୍ତମାନ ଶାମିଙ୍କ ଭଳି ଜଣେ ପ୍ରତିଭାବାନ୍ ଖେଳାଳି ଗୁରୁତର ଅଭିଯୋଗର ସମ୍ମୁଖୀନ ହୋଇ ଥିବାରୁ ବିସିସିଆଇ ତାଙ୍କ ପଛରେ ଛିଡ଼ା ହେବା ସହିତ ନିଜର ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେବା ଉଚିତ। ସେହିପରି ଟିମ୍ ଇଣ୍ଡିଆରେ ପୁଣିଥରେ ନିଜର ଉପସ୍ଥିତିକୁ ଜାହିର କରିବା ପୂର୍ବରୁ ଶାମି ତାଙ୍କ ନାମରେ ଆସିଥିବା ଅଭିଯୋଗଗୁଡ଼ିକରୁ ନିଜକୁ ମୁକ୍ତ କରିବା ବିଧେୟ। ■

ସମ୍ପାଦକଙ୍କୁ ପତ୍ର

ଚୀନ୍ ଖୁରିଖିଆ ନୀତି ଛାଡୁ

ଚୀନ୍‌ର ଆହୁରି ଅଧିକ ନୂଆନୂଆ ଭାରତୀୟ ଅଞ୍ଚଳ ଦାବିକୁ କଠୋରତାର ସହିତ ଅଗ୍ରାହ୍ୟ ନ'କରିବା ସହିତ ଦେଶର ସାମରିକ ଆତ୍ମନିର୍ଭରଶୀଳତାକୁ ପ୍ରାୟ ୫୦/୧୦୦ ବର୍ଷକୁ ପଛେଇ ଦେଇ ବିଦେଶରୁ ଆମଦାନୀ ଉପରେ ନିର୍ଭର କରିବା ଯୋଗୁ ଭାରତୀୟ ଉପମହାଦେଶ ଓ ବୃହତ୍ତର ଏସିଆ ମହାଦେଶରେ ବିକଳ୍ପ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଭାବରେ ଭାରତର ଉପସ୍ଥିତି ଗୌଣ ଓ ଅଧାପନ୍ତରିଆ ରହିଆସିଛି ଯାହା ପାକିସ୍ତାନ ଓ ଚୀନ୍‌ର ମିଳିତ ବୈରଭାବକୁ ଉତ୍ସାହିତ କରିଆସିଛି। ଫଳରେ ଆମେରିକା ପାକିସ୍ତାନଠାରୁ ସବୁ ସମ୍ପର୍କ ତୁଟାଇଦେଇ ବିଶେଷତଃ ତା'ର ସାମରିକ ଗୁଇନ୍ଦା ସନ୍ତ୍ରାସ ଯନ୍ତ୍ରକୁ ନିଷ୍କ୍ରିୟ କରିବା କ୍ଷେତ୍ରରେ କେବଳ ନିଜ ଦେଶ ସ୍ୱାର୍ଥ ସମ୍ବଳିତ କରିଆସିଛି। ପୁନଶ୍ଚ ଭୌଗୋଳିକ ଅବସ୍ଥିତି ପାକିସ୍ତାନକୁ ଆମେରିକାର ଆଫଗାନିସ୍ତାନ ଅଭିଯାନ ଲାଗି ଅପରିହାର୍ଯ୍ୟ କରିଛି କାରଣ ପାକିସ୍ତାନର ବିକଳ୍ପ ପ୍ରଦେଶ, ଗମନାଗମନ ଓ ଯୋଗାଣମାର୍ଗ ଆମେରିକା ପକ୍ଷରେ ବହୁ ଖର୍ଚ୍ଚବହୁଳ ଓ ବୁଲାଣିଆ (ସମୟସାପେକ୍ଷ) ହେବା କାରଣରୁ ଆମେରିକା ଯେତେ କଠୋରତା ଓ (ସହାୟତା) ବାସନ୍ଦ ଧମକ ଦେଲେ ବି ଶେଷରେ ସକଳ ତୀର୍ଥ ତୋ' ଚରଣେ... ପ୍ରକ୍ରିୟାଗତ ହୋଇ ପାକିସ୍ତାନ ସହିତ ବୁଝାମଣା ରକ୍ଷା କରିବାକୁ ବାଧ୍ୟ ହେବ ଯାହା ବୃହତ୍ତର ଭାରତୀୟ ଆଶା ପାଇଁ ନୈରାଶ୍ୟଜନକ ହେବା ସୁନିଶ୍ଚିତ ଓ ଅବଶ୍ୟମ୍ଭାବୀ। ଯେତେଦିନ ପର୍ଯ୍ୟନ୍ତ ଭାରତ (ଇସ୍ରାଏଲ୍ କିମ୍ବା ଗ୍ରେଟ୍‌ବ୍ରିଟେନର ଫକଲାଣ୍ଡ ଦୀପ ଆଭିମୁଖ୍ୟ ସଦୃଶ) କଠୋର ଓ ବାସ୍ତବ ସାମରିକ/କୂଟନୈତିକ ମନୋବାଞ୍ଛା ପୋଷଣ ନ'କରିଛି ଓ ନିଜକୁ ଜାଗ୍ରତ କରିନାହିଁ ସେ ପାକିସ୍ତାନ/ଚୀନ୍‌ର ମିଳିତ ବୈରଭାବର ସମ୍ମୁଖୀନ ହେବା ସୁନିଶ୍ଚିତ। ସନ୍ତ୍ରାସବାଦ ପ୍ରୋତ୍ସାହନ ସମ୍ପର୍କରେ ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତିଙ୍କ ଚରମବାଣୀ ପରିପ୍ରେକ୍ଷୀରେ ଚୀନ୍ ପକ୍ଷରୁ ପ୍ରଦତ୍ତ ସୁରକ୍ଷାବାଣୀ ପ୍ରଣିଧାନଯୋଗ୍ୟ- ବିଶ୍ୱ ସନ୍ତ୍ରାସବାଦ ନିମନ୍ତେ କୌଣସି ଗୋଟିଏ ଦେଶକୁ ଦାୟୀ କରାଯାଇ ପାରିବ ନାହିଁ କିନ୍ତୁ ଆଫଗାନିସ୍ତାନ ବାବଦରେ କିମ୍ବା ଭାରତୀୟ ଭାରତ-ପଶ୍ଚିମ ସୀମାନ୍ତରେ ଯେଉଁସବୁ ଜଘନ୍ୟ, ଷଡ଼ଯନ୍ତ୍ରପୂର୍ଣ୍ଣ, ନିୟମିତ ଛାୟାଯୁଦ୍ଧ ଗତ ପ୍ରାୟ ତିନିଦଶନ୍ଧି ଧରି ଅବ୍ୟାହତ ରହିଛି ଅଥବା ମୁମ୍ବାଇ, ପଠାଣକୋଟ, ଉରି, ଛଟିସିଂପୁର, ପଲାମପୁର ପ୍ରଭୃତି ସେନାଛାଉଣି, ସର୍ବସାଧାରଣ ସ୍ଥାନ (ତାଜହୋଟେଲ, ଛତ୍ରପତି ଶିବାଜୀ ରେଲଷ୍ଟେସନ) ପ୍ରଭୃତିରେ ସୁପରିକଳ୍ପିତ ଢଙ୍ଗରେ ଘଟିଆସୁଥିବା ସନ୍ତ୍ରାସର ବିଭୀଷିକାକୁ ଚୀନ୍ ଜାଣିଶୁଣି ଅଣଦେଖା କରି ନିଜର ମନ୍ତବ୍ୟ ପ୍ରକାଶ କରିଛି ଯାହା ତା'ର ନିଜର ନାଗରିକଙ୍କ ସୁରକ୍ଷାକ୍ଷେତ୍ରରେ ପାକିସ୍ତାନରେ ସିପିଇସି/ବନ୍ଦର ନିର୍ମାଣ ସ୍ଥଳରେ ଏକାଧିକବାର ସମ୍ମୁଖୀନ ହୋଇସାରିଲାଣି ଏବଂ ସ୍ୱତନ୍ତ୍ର ସୁରକ୍ଷାପ୍ରହରୀ ପାକିସ୍ତାନକୁ କହି ନିଜ ଖର୍ଚ୍ଚରେ ମୁତୟନ କରିଛି। ବେଲୁଚିସ୍ତାନରେ ଶିକ୍ଷକ ଦମ୍ପତି ଓ ଅନ୍ୟ ଦୁଇଜଣ ସାଧାରଣ ଜନୈକ ନାଗରିକଙ୍କ ଅପହରଣ ଓ ହତ୍ୟା ଘଟଣା ସତ୍ତ୍ୱେ ଚୀନ୍ ନିଜର ବୃହତ୍ତର କୂଟନୈତିକ, ସାମରିକ ଓ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ପାକିସ୍ତାନକୁ ଘଣ୍ଟ ଘୋଡ଼ାଇବାକୁ ଆଗେଇ ଆସିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପାକିସ୍ତାନକୁ ସହାୟତା (ରାଶି) ବନ୍ଦ କରିବା ସମ୍ପର୍କରେ ଉଦ୍‌ଘୋଷିତ କଠୋର ଘୋଷଣା କେତେ ବାସ୍ତବଧର୍ମୀ ସେ କଥାରେ ଘୋର ସନ୍ଦେହ ପ୍ରକାଶ ପାଇଛି ତଥ୍ୟାଭିଜ୍ଞ କୂଟନୈତିକ ମହଲରୁ। ଅତୀତରେ (୨୦୧୧/୧୨ରେ) ଏତାଦୃଶ କଠୋର ପଦକ୍ଷେପରୁ ଆମେରିକା ଓହରିବାକୁ ବାଧ୍ୟ ହୋଇଥିଲା ଆଫଗାନିସ୍ତାନକୁ ସହଜ ସ୍ୱଳ୍ପ ବ୍ୟୟସାପେକ୍ଷ ସୁବିଧାଜନକ ଗମନାଗମନପଥ କେବଳ ପାକିସ୍ତାନଠାରୁ ମିଳିପାରୁଥିବା କାରଣରୁ। ଫଳରେ ଏତାଦୃଶ ସାଲିସ୍ ପନ୍ଥାର ପୁନରାବୃତ୍ତି ଯେ ଏଥର ନହେବ କିଏ କହିପାରିବ ? ରାଷ୍ଟ୍ରପତି ଟ୍ରମ୍ପଙ୍କ କଠୋରତାକୁ ପ୍ରଶ୍ନକରି ପାକିସ୍ତାନରୁ ପ୍ରକାଶିତ ଅନ୍ୟତମ ଇଂରାଜୀ ଦୈନିକ ସମ୍ବାଦପତ୍ର 'ଡନ୍'ରେ ଏକ ମନ୍ତବ୍ୟରୁ ଏହା ସହଜରେ ଅନୁମେୟ। ଟ୍ରମ୍ପ ପ୍ରଶାସନ ଏକ ବ୍ୟଙ୍ଗାତ୍ମକ ଦୃଶ୍ୟପଟ ନା ଆଖଡ଼ାସ୍ଥଳ ? ଦେଶରେ ବିରୋଧୀଦଳମାନେ ପ୍ରଧାନମନ୍ତ୍ରୀଙ୍କ ପାକିସ୍ତାନନୀତିକୁ ଉପହାସ କରି କଠୋର ସମାଲୋଚନା କରୁଥିବାରୁ ରାଜନୀତିର ଊର୍ଦ୍ଧ୍ୱକୁ ଯାଇ ସରକାର ଏକ ସର୍ବଦଳୀୟ ଜାତୀୟ ବୈଠକ ଆୟୋଜନ କରି ଦେଶର ସୁରକ୍ଷା ନୀତି ନିର୍ଦ୍ଧାରଣ ସହିତ ପାକିସ୍ତାନ ଅଧିକୃତ କଶ୍ମୀର ଓ ଚୀନ୍ ଅଧିକୃତ ଅକ୍ସାଇଚୀନ୍ ଓ ଲଦାଖ ଭୂଭାଗ ପୁନରୁଦ୍ଧାର ସକାଶେ କୂଟନୈତିକ/ସାମରିକ ଖସଡ଼ା ପ୍ରସ୍ତୁତ କରି ଉଭୟ ଚୀନ୍ ଓ ପାକିସ୍ତାନକୁ ଠିକଣା ବାର୍ତ୍ତା, ସନ୍ଦେଶ ପ୍ରେରଣ କରନ୍ତୁ।

ରାମକୃଷ୍ଣ ମହାନ୍ତି, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର

ଆଇନର ଅବମାନନା

ମାଲ ପରିବହନକାରୀ ଲରିର ବେପରୁଆ ମନୋଭାବ ଯୋଗୁ ଗାଡ଼ି ଡାଲାରୁ ଧୂଳି ଉଡ଼ି ବାଇକ୍ ଆରୋହୀ ତଥା ଅନ୍ୟ ଯାତ୍ରୀଙ୍କୁ ଆକ୍ରାନ୍ତ କରୁଛି। ଏବେ ଲକ୍ଷ୍ୟ କରାଯାଇଛି ଯେ, ତାପଙ୍ଗରୁ ଭୁବନେଶ୍ୱର ଏପରିକି ତ୍ରିଶୂଳିଆ ନଦୀ ଘାଟରୁ ବାଲି ବୋଝେଇ କରି ଖୋର୍ଦ୍ଧା ଦିଗକୁ ଆସୁଥିବା ଲରିରେ ପାଲ ଘୋଡ଼ାଯାଉ ନାହିଁ। କେତେକ ଲରିରେ ମଧ୍ୟ ପାଲ ଠିକ୍‌ଭାବେ ବନ୍ଧାଯାଉନି, ଫଳସ୍ୱରୂପ, ଡାଲାରୁ ଧୂଳି, ବାଲି ଉଡି ଆରୋହୀଙ୍କ ଆଖି, ମୁହଁରେ ମାଡ଼ ହେଉଛି। ମୁଣ୍ଡ ଉପରେ ପଡୁଛି। ବିଶେଷ କରି ହାଇୱା ଲରି ବେପରୁଆ ଥିବା ଲକ୍ଷ୍ୟ କରାଯାଇଛି। ଚାଳକ ଠିକ୍‌ସେ ପାଲ ମଧ୍ୟ ବାନ୍ଧୁନାହିଁ। ଅନେକ ସିମେଣ୍ଟ ପରିବହନ ଯାନ, ମାଲ୍ ଅନ୍‌ଲୋଡିଂ ପରେ ରାସ୍ତାରେ ଧୂଳି ଉଡ଼ାଇ ଯିବାର ଲକ୍ଷ୍ୟ କରାଯାଇଛି। ସ୍ଥାନେ ସ୍ଥାନେ ଗାଡ଼ିରୁ ଖସି ଚିପ୍‌ସ, ମେଟାଲ୍ ରାସ୍ତାରେ ବିଛାଡ଼ି ହୋଇ ପଡ଼ିରହୁଛି। ପରିବହନ ପ୍ରଶାସନ ସଡ଼କ ସୁରକ୍ଷା ସ୍କ୍ୱାଡ୍ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏପରି ବେପରୁଆ କାର୍ଯ୍ୟର ପ୍ରତିହତ କରିବା ଲାଗି ରାସ୍ତାରେ ତନାଘନା କରାଯିବା ଜରୁରୀ ମନେହୁଏ।

ମନୋରଞ୍ଜନ ସ୍ୱାଇଁ
ତମାଣ୍ଡୋ, ଭୁବନେଶ୍ୱର

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', ପ୍ଲଟ୍ ନଂ-୬୮୭/୩୭୪୫, ଏକାମ୍ରକାନନ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫, e-mail: nitidinedit@gmail.com